**କର୍ଣ୍ଣାଟକ ରାଜ୍ୟ ସରକାର ପ୍ରଥମ ସ୍ତର ମହାବିଦ୍ୟାଳୟ ସ୍ୱଳ୍ପ-ସମୟ ଅଧ୍ୟାପକ ସଂଘ (REGD) ଏବଂ ଅନ୍ୟଜଣେ**

**ବନାମ**

**କର୍ଣ୍ଣାଟକ ରାଜ୍ୟ**

**ସେପ୍ଟେମ୍ବର 11,1995**

**[କେ. ରାମସ୍ୱାମୀ ଏବଂ ବି. ଏଲ. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ]**

*ସେବା ଆଇନ :*

*କର୍ଣ୍ଣାଟକ ରାଜ୍ୟ - ସରକାରୀ ମହାବିଦ୍ୟାଳୟ - ସ୍ୱଳ୍ପ-ସମୟ ଅଧ୍ୟାପକ - ଅଭିଯୋଗ - ସମାଧାନ ପାଇଁ ଉପ-କମିଟିର ଗଠନ ।*

ଆଜ୍ଞାଦେଶ ଆବେଦନକୁ ଖାରଜ କରି, ଏହି ଅଦାଲତ

ନିର୍ଣ୍ଣୟ କଲେ : ସ୍ୱଳ୍ପ-ସମୟ ଅଧ୍ୟାପକଙ୍କ ଅଭିଯୋଗ ଉପରେ ବିଚାର କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଏକ ଉପ-କମିଟି ଗଠନ କରାଯାଇଛି । ଆବେଦନକାରୀଙ୍କ ପାଇଁ ସମାନ ଭାବରେ ସ୍ଥିତ ଅନ୍ୟ ସମସ୍ତ ବ୍ୟକ୍ତିଙ୍କ ସହିତ ଉପ-କମିଟି ସମ୍ମୁଖରେ ଏକ ନିବେଦନ କରିବାକୁ ଉନ୍ମୁକ୍ତ ରହିବ ।

ଦେୱାନୀ ମୂଳ କ୍ଷେତ୍ରାଧିକାରିତା : ଆଜ୍ଞାଦେଶ ଆବେଦନ (C) ସଂଖ୍ୟା 21/1994 ।

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ।

ଆବେଦନକାରୀଙ୍କ ପାଇଁ ଡି. କେ. ଗର୍ଗ, ଏଲ. କେ. ଗୁପ୍ତା ଏବଂ ଆର. ଏସ. ଠକ୍କର ।

ଉତ୍ତରଦାତାମାନଙ୍କ ପାଇଁ ଏମ. ବୀରାପ୍ପା ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ପ୍ରତ୍ୟୁତ୍ତର-ସତ୍ୟପାଠରେ କୁହାଯାଇଛି ଯେ ସ୍ୱଳ୍ପ-ସମୟ ଅଧ୍ୟାପକଙ୍କ ଅଭିଯୋଗ ଉପରେ ବିଚାର କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଏକ ଉପ-କମିଟି ଗଠନ କରାଯାଇଛି ଏବଂ ଏହିପରି ସମସ୍ତ ବ୍ୟକ୍ତିଙ୍କ ମାମଲା ଉପ-କମିଟି ଦ୍ୱାରା ବିଚାର କରାଯିବ । ଦାୟିତ୍ୱରେ ଥିବା ମନ୍ତ୍ରୀ ମଧ୍ୟ ଗୃହ ଭିତରେ ସେହି ପ୍ରସଙ୍ଗରେ ଏକ ବିବୃତି ଦେଇଥିବା ପରି ମନେହୁଏ । ଯଦି ଏହା ହେଉଛି, ତେବେ

ଆବେଦନକାରୀଙ୍କ ପାଇଁ ଉପ-କମିଟି ସମ୍ମୁଖରେ ସମାନ ଭାବରେ ଅବସ୍ଥିତ ଅନ୍ୟ ସମସ୍ତ ବ୍ୟକ୍ତିଙ୍କ ସହିତ ଏକ ନିବେଦନ କରିବାକୁ ଉନ୍ମୁକ୍ତ ରହିବ ।

ତଦନୁସାରେ ଆଜ୍ଞାଦେଶ ଆବେଦନ ଖାରଜ ହେଲା ।

ଟି. ଏନ. ଏ.

ଆବେଦନ ଖାରଜ ହେଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
କ୍ରିଷ୍ଣା ଦାଶ
ଅନୁବାଦିକା
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।